# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୧୦.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ପିଙ୍କି ସ୍ୱାଇଁ,
୪. ଶ୍ରୀମତୀ ନମିତା ମହାପାତ୍ର,
୫. ଶ୍ରୀମତୀ ଗୁରୁଲତା ସାମନ୍ତରାୟ,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୨୦.୧୦.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁମାନେ ବହୁତଳ ପ୍ରାସାଦ ନିର୍ମାଣ କରୁଛନ୍ତି ସେମାନଙ୍କ ଠାରୁ ପେରିଫେରିଆଲ୍ ଡ଼େଭେଲପ୍‌ମେଂଟ କାର୍ଯ୍ୟ ପାଇଁ ବି ଏମ୍ ସି ର NOC ବାବଦକୁ ପ୍ରୋଜେକ୍ଟ କଷ୍ଟର ୨% ଅର୍ଥ ଆଦାୟ କରିବା ପାଇଁ କର୍ପୋରେସନ ତା ୨୯.୦୬.୨୦୧୦ ରିଖରେ ନିଷ୍ପତି ନେଇଥିଲେ, କିନ୍ତୁ କେତେକ ବିଲ୍ଡ଼ର୍ ଉକ୍ତ ଅର୍ଥ ନିଗମରେ ପୈଠ ନକରି ଭୁବନେଶ୍ୱର ମହାନଗର ନିଗମର NOC ନନେଇ ବହୁତଳ ପ୍ରାସାଦ ନିର୍ମାଣ କରିଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ତା ୨୯.୦୬.୨୦୧୦ ରିଖ ପରେ ଯେଉଁମାନେ ବହୁତଳ ପ୍ରାସାଦ ନିର୍ମାଣ କରିଛନ୍ତି, ସେମାନଙ୍କ ତାଲିକା ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କ ଠାରୁ ମଗାଯାଉ ଏବଂ ସେଗୁଡ଼ିକୁ ଜୋନାଲ୍ ଡ଼େପୁଟି କମିଶନର ଯାଂଚ୍ କରିବେ, ଯେଉଁମାନେ ବି ଏମ୍ ସି ରୁ NOC ନନେଇଛନ୍ତି ତାହାର ତାଲିକା ଆଂଚଳିକ ଅଧିକାରୀମାନେ ନଗର ଯନ୍ତ୍ରୀଙ୍କୁ ଦେବେ । ନଗର ଯନ୍ତ୍ରୀ ସେଗୁଡ଼ିକୁ ଯାଂଚ୍ କରି କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁତଳ ପ୍ରାସାଦ ନିର୍ମାଣ ହେବାପରେ ବିଲ୍ଡର୍‌ମାନେ ପାର୍ଶ୍ୱ ଅଂଚଳର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନକରିବାରୁ ତାଙ୍କର ପାର୍ଶ୍ୱ ଓ ପଛପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ନହୋଇ ଜମି ରହୁଅଛି ଓ ସେଠାରେ ବସବାସ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଜଳ ନିଷ୍କାସନ ପାଇଁ ଭବିଷ୍ୟତରେ ନାଳ ନିର୍ମାଣ କରିବାକୁ ଚାହିଁଲେ ମଧ ସ୍ଥାନ ଅଭାବରୁ ନାଳ ନିର୍ମାଣ କରିପାରୁନାହିଁ, ତେଣୁ ଏହିଭଳି ପରିସ୍ଥିତି ପାଇଁ ବିଲ୍ଡ଼ର୍ ମାନଙ୍କ ଠାରୁ ବିଲ୍ଡ଼ିଂ ଅଂଚଳ ମଧ ଦେଇ ଆବଶ୍ୟକ ହେଲେ ଜଳ ନିଷ୍କାସନ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ନାଳ ନିର୍ମାଣ କରିପାରିବ ବୋଲି ଏକ ଲିଖିତ ଅଙ୍ଗୀକାର ସର୍ତ ବିଲ୍ଡ଼ିଂ ପ୍ଲାନ୍ ଅନୁମୋଦନ ସମୟରେ ବିଲ୍ଡ଼ର୍ ମାନଙ୍କ ଠାରୁ ରଖିବା ପାଇଁ, କର୍ପୋରେସନରେ ବିଚାର କରାଯାଇ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ଆଣିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୨୦.୧୦.୨୦୨୨ ରିଖ